# Akashvani, Sambalpur

## SAMBALPURI NEWS EVENING BULLETIN

## 30 April 2026-7.02- 7.12 pm.

---

୧- ଭାରତୀୟ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗଦାନ୍ ବାବ୍‌ଦେ ରାଜ୍ୟ ବିଧାନ୍‌ସଭା ନ ଚାଲିଛେ ସ୍ୱତନ୍ତ୍ର ଅଧିବେଶନ୍ ।

୨- ରାଏଜେ ନକ୍ସଲ୍ ଗତିବିଧି ହେଇଛେ ପୁରାପୁରି ଶେଷ୍- କହେଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

- ସମ୍ବଲ୍‌ପୁର୍ ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ପ୍ରଦାନ୍ କଲେ ଡିଜିପି ଡିସ୍କ ପୁରସ୍କାର୍ ।

୩- ଆଏବା ୨ ତାରିଖ୍ ବାହାର୍‌ବା ମେଟ୍ରିକ୍ ପରୀକ୍ଷାଫଲ୍ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ୧୯ ଟା ଜିଲ୍ଲା ନ ଚଢ଼କ୍ ମାରିକରି ବର୍ଷା ଲାଗି ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ସ୍ୱତନ୍ତ୍ର ଅଧିବେଶନ୍        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ବିଧାନ୍‌ସଭାର୍ ଦିନ୍‌କିଆ ଖାସ୍ ଅଧିବେଶନ୍ ଚାଲିଛେ । ଭାରତୀୟ ଗଣତନ୍ତ୍ରଥି ମହିଳାମାନ୍‌କର୍ ଯୋଗଦାନ୍ ବାବ୍‌ଦେ ଗୃହ ନ ଶାସକ୍ ଆଉ ବିରୋଧୀ ଦଲର୍ ସଦସ୍ୟମାନେ ଆଲୋଚନା କରୁଛନ୍ । ଆଲୋଚନାଥି ଭାଗ୍ ନେଇକରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍, ପ୍ରକୃତିକେ ମା ବାଗିର୍ ପୂଜା କର୍‌ବାର୍ ସହେତେ ଦେଶ୍‌କେ ମାତା ବଲି ସମ୍ବୋଧନ୍ କରାଯାଏସି । ଆମର୍ ସମାଜ୍ ଗୁଟେ ନାରୀ କୈନ୍ଦ୍ରିକ ସମାଜ୍ ଆଏ ଆଉ ଆମର୍ ସଂସ୍କୃତିଥି ଶକ୍ତି ପୂଜା ଆଉ ମାତୃବନ୍ଦନାର ମହତ୍ୱ ରହିଛେ । ଆଏଜ୍ ସଖାଲ୍‌ବେଲା ଗୃହ ନ ଆଲୋଚନା ମୁଲ୍ କରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମାଜ୍‌ର ଭିନ୍ ଭିନ୍ କ୍ଷେତ୍ରର୍ ମହିଳାମାନ୍‌କର୍ ଯୋଗଦାନ୍ ଉପ୍‌ରେ କହିଥିଲେ । ସମ୍ବିଧାନ୍ ଲାଗୁ ହେବାର୍ ୭୫ ବଛର୍ ପୁରା ହେଇସାରିଥିଲେ ଭିଲ୍ ଦେଶର୍ ଜନସଂଖ୍ୟାର୍ ଅଧାନୁ ଅଏତ୍‌କା ମହିଳାମାନ୍‌କୁ ପ୍ରକୃତ୍ ମର୍ଯ୍ୟାଦା ଦିଆନାଇଯାଇପାରି । ଗଲା ୧୦ ବଛର୍ ଧରିକରି ଭିନ୍ ଭିନ୍ ରାଜନୈତିକ୍ ଦଲ୍ ମହିଳା ସଶକ୍ତିକରଣ୍ ଉପ୍‌ରେ ଆଲୋଚନା

କରୁଥିଲେ ଭିଲ୍ ତାହାକେ କାର୍ଯ୍ୟକାରୀ କର୍ବାର୍ଥି ଆନ୍ତରିକତାର୍ ଅଭାବ୍ ଦେଖାଦେଇଛେ । ବିରୋଧୀ ଦଲ୍ ମାନ୍କର୍ ଅସହଯୋଗ୍ ଲାଗି ମହିଲା ସଂରକ୍ଷଣ୍ ବାବଦ୍ ବିଲ୍ ଲୋକ୍ସଭା ନ ପାରିତ୍ ନାଇଁ ହେଇପାର୍ଲା ।

ନିଷ୍ପତି ନେବାର୍ କ୍ଷେତ୍ରଥି ମହିଲାମାନ୍କୁ ସଠିକ୍ ମର୍ଯ୍ୟାଦା ଦେବାର୍କେ ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍କାର୍ ମହିଲାମାନ୍କୁ ସଶକ୍ତ କର୍ବାର୍ ଲାଗି ବହୁତ୍ ପଦକ୍ଷେପ୍ ନଉଛନ୍ । ଗଲା ଦଶନ୍ଧିଥି ମହିଲାମାନ୍କର୍ ଜୀବନ୍ ଧାରଣ୍ଥି ବ୍ୟାପକ୍ ପରିବର୍ତନ୍ ଆସିଛେ । ଭିନ୍ ଭିନ୍ କ୍ଷେତ୍ରଥି ସଂସ୍କାର୍ମୂଲକ୍ ପଦକ୍ଷେପ୍ର ଇଟା ହେଉଛେ ପ୍ରତିଫଲନ୍ । ଶିକ୍ଷା କ୍ଷେତ୍ରଥି ମହିଲାମାନ୍କର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ବଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଏଜେ ମହିଲା ସଶକ୍ତିକରଣ୍ ଲାଗି ସର୍କାର୍ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍ନା ସହେତେ ଲକ୍ଷ୍ୟପତି ଦିଦି, ପ୍ରଧାନ୍ମନ୍ତ୍ରୀ ମାତୃବନ୍ଦନ୍ ଯୋଜ୍ନା, ପୋଷଣ୍ ଅଭିଯାନ୍ ବାଗିର୍ ଭିନ୍ ଭିନ୍ ଜନକଲ୍ୟାଣ୍କାରୀ ପଦକ୍ଷେପ୍ ମୁଲ୍ କରିଛନ୍ । ମହିଲାମାନ୍କୁ ସୁରକ୍ଷା ଆଉ ନ୍ୟାୟ ଦେବାର୍ ଲକ୍ଷ୍ୟଥି ତୃଣମୂଲ୍ସ୍ତର୍ ନ ନାରୀ ଅଦାଲତ୍ ଗଠନ୍ କରାଯାଇଛେ । ପୋଷଣ୍ ଅଭିଯାନ୍ ଅଧୀନ୍ଥି ଗଲା

ମାର୍ଚ୍ଚ ମାସ୍‌ତକ୍ ଶହେ ୪୪  କୋଟି ଟଙ୍କା ଖର୍ଚ୍ଚାଥି ୩୫ ଲାଖ୍ ନୁ ଅଏତ୍‌କା ହିତାଧିକାରୀଙ୍କର୍ ପୁଷ୍ଟି ସାଧନ୍ ଲାଗି ପଦକ୍ଷେପ୍ ନିଆଯାଇଛେ । ରାଜ୍ୟର୍ ଫି’ ମହିଲାଙ୍କୁ ଲକ୍ଷ୍ୟପତି ଦିଦି ବନାବାର୍ ସର୍‌କାର୍‌ଙ୍କର୍ ଲକ୍ଷ୍ୟ ଆଏ । ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ୍ ସପନ୍ ସାକାର୍ କର୍‌ବାର୍‌ଥି ମହିଲାମାନ୍‌କର୍ ବର୍‌କସ୍ ଯୋଗ୍‌ଦାନ୍ ବହୁତ୍ ଜରୁରୀ ଆଏ ବଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଲୋଚନାର୍ ଶେଷେ ମୁଖ୍ୟମନ୍ତ୍ରୀ ଗୃହ ନ ବିବୃତି ରଖିବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ଜାତୀୟ ସମ୍ମିଲନୀ          ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା ଶାସନ୍ ଲାଗି ପ୍ରଶାସନିକ୍ ତଥ୍ୟର୍ ସମନ୍ୱୟ ବାବଦ୍ ୨ ଦିନିଆ ଜାତୀୟ ସମ୍ମଲନୀ ଆଏଜ୍ ଉଦ୍‌ଯାପିତ୍ ହେଇଛେ । ଡିଜିଟାଲ୍ ଯୁଗ୍‌ଥି ପ୍ରଶାସନିକ୍ ତଥ୍ୟର୍ ତାଲ୍‌ମେଲ୍ ରଖିକରି ସାଧାରଣ୍ ଲୁକଙ୍କର୍ ପାଶେ ତୁର୍‌ତି ସେବା ପୁହୁଁଚାବାର୍ ହେଉଛେ ଇ ସମ୍ମିଲନୀର୍ ମୂଲ୍ ଉଦ୍ଦେଶ୍ୟ । ୨୦୩୬ ସମୃଦ୍ଧ ଓଡ଼ିଶା ଆଉ ୨୦୪୭ ବିକଶିତ୍ ଭାରତ୍ ସପନ୍ ସାକାର୍ କର୍‌ବାର୍‌ଥି ଇ ସମ୍ମିଲନୀ ଗୁଟେ ବଡ଼ ଭୂମିକା

ନେବା । ସ୍ୱଚ୍ଛତା ଆଉ ତଥ୍ୟର୍ ସଠିକ୍ ବେଭାର୍‌କେ ଜୋର୍ ଦେଇକରି ଶାସନ୍ ବ୍ୟବସ୍ଥାକେ ଅଏତ୍‌କା ତୁର୍‌ତି କର୍‌ବାର୍‌ଥି ଇ ସମ୍ମିଲନୀ ସାହାଜ୍ କର୍‌ବା ବଲି ଆଶ୍ କରାଯାଉଛେ । ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କେ ସମନ୍ୱିତ୍ ଡାଟାବେସ୍ ତିଆର୍ କର୍‌ବାର୍‌ଥି ଉନ୍ନତି ଆନ୍‌ବାର୍ ଲାଗି ଇ ସମ୍ମିଲନୀର୍ ନିଷ୍କର୍ଷ ସାହାଜ୍ କର୍‌ବା ।

ୱାଇ.ବି. ଖୁରାନିଆ-ଡି.ଜି.ପି. ଡିସ୍କ ସମ୍ବଲପୁର ସମ୍ବାଦଦାତା

ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ ୨ ଦିନିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ସହେତେ ଆଏଜ୍ ଡି.ଜି.ପି. ଡିସ୍କ ପ୍ରଦାନ୍ କରିଛନ୍ । ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଇ ପଦକ୍ ପ୍ରଦାନ୍ କରାଯାଇଛେ । ସମ୍ବଲ୍‌ପୁର୍ ଆରକ୍ଷୀ ଅଧିକ୍ଷକ୍ ମୁକେଶ୍ ଭାମୁଙ୍କର୍ ସହେତେ ଅଲ୍‌ଗା ପୁଲିସ୍ ଅଧିକାରୀମାନ୍‌କୁ ଡିଜିପି ଡିସ୍କ ପ୍ରଦାନ୍ କରାଯାଇଛେ । ଇ ଅବ୍‌ସରେ ରାଏଜେ ନକ୍ସଲ

ଗତିବିଧି ଆଉ କାର୍ଯ୍ୟକଲାପ ବାବ୍‌ଦେ ଶ୍ରୀ ଖୁରାନିଆ ନିଜର୍ ମତ ରଖିକରି କହିଛନ୍, ନକ୍ସଲ୍ କାର୍ଯ୍ୟକଲାପ୍‌କେ ରାଏଜ୍‌ରୁ ପୁରାପୁରି ଶେଷ୍ କରାଯାଇଛେ । ସାଇବର୍ କ୍ରାଇମ୍ ଇହାଦେ ସବୁନୁ ବଡ଼ ଚ୍ୟାଲେଞ୍ଜ୍ ବଲି ଡିଜିପି ଶ୍ରୀ ଖୁରାନିଆ କହିଛନ୍ ।

(ଭଏସ୍ ଓଭର୍- ଶ୍ରୀ ଖୁରାନିଆ)

ମେଟ୍ରିକ୍ ପରୀକ୍ଷାଫଳ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷାଫଲ୍ ଆଏବା ମାସ ୨ ତାରିଖ୍ ଦିନ ବାହାରିବା । ଉପର୍‌ବେଲା ୪ ବଜେ ପରୀକ୍ଷାଫଲ୍ ବାହାର୍‌ବା ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍ ସହେତେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଆଉ ମଧ୍ୟମା ପରୀକ୍ଷାଫଲ୍ ଭିଲ୍ ପ୍ରକାଶ୍ ପାଏବା । ଛାତ୍ରଛାତ୍ରୀମାନେ ବୋର୍ଡ଼ ୱେବ୍‌ସାଇଟ୍ bseodisha.ac.in ଥି ନିଜର୍ ପରୀକ୍ଷାଫଲ୍ ଦେଖିପାର୍‌ବେ । ଇଂଟର୍‌ନେଟ୍ ସୁବିଧା ନାଇଁଥିବାର୍ ଇଲାକାମାନ୍‌କେ ନିଜର୍ ରୋଲ୍ ନମ୍ବର୍‌କେ ଏସ୍‌ଏମ୍‌ଏସ୍

କରିକରି ପରୀକ୍ଷାଫଲ୍ ଜାନିହେବା ବଲି ବୋର୍ଡ୍ ତରଫୁ ବାହାରିଥିବା ବିଜ୍ଞପ୍ତି ନୁ ଜନାପଡ଼ିଛେ ।

ହେରିଟେଜ୍ ସାଇଟ୍ ଅନୁମୋଦନ୍ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ସର୍କାର୍ ରେଢ଼ାଖୋଲ୍ 'ଭୀମମଣ୍ଡଲୀ ଇକୋ ହରିଟେଜ୍ ସାଇଟ୍' ସାମଗ୍ରିକ୍ ବିକାଶ୍ ଲାଗି ୮ କୋଟି ୩୦ ଲାଖ୍ ନୁ ଅଏତ୍କା ଟଙ୍କା ଅନୁମୋଦନ୍ କରିଛନ୍ । ପ୍ରକଳ୍ପ ଜରିଏ ପ୍ରବେଶ୍ ପଥ, ସେତୁ, ଭ୍ୟୁ ପଏଂଟ୍, ସୌରଶକ୍ତି ବ୍ୟବସ୍ଥା ଆଉ ପର୍ଯ୍ୟଟକ୍ମାନ୍କର୍ ଲାଗି ଉନ୍ନତ୍ ବିଶ୍ରାମ୍ ଜାଗା ତିଆର୍ କରାଯିବା । ଇ ପଦକ୍ଷେପ୍ ଭୀମମଣ୍ଡଲୀର୍ ଇତିହାସ୍ର ପ୍ରଚାର୍ ପ୍ରସାର୍ କରାଯିବାର୍ ସହେତେ ସମ୍ବଲ୍ପୁର୍ ପର୍ଯ୍ୟଟନ୍ ଶିଳ୍ପକେ ଆହୁରି ବର୍କସ୍ କର୍ବା ବଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସ୍ଥାନୀୟ ଲୁକଙ୍କର୍ ଲାଗି ଇ ପ୍ରକଳ୍ପ ନୂଆଁ ସୁଯୋଗ୍ ତିଆର୍ କର୍ବା । ଯେନ୍ଟା ଇଲାକାର୍ ସାମାଜିକ୍ ଆଉ ଆର୍ଥିକ୍ ବ୍ୟବସ୍ଥାକେ ନୂଆଁ ଗତି ଦେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇଥିର୍ଲାଗି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ

ମୋହନ୍ ଚରଣ୍ ମାଝୀ ଆଉ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଧନ୍ୟବାଦ୍ ଜନେଇଛନ୍ ।

ଭିସୁଟ୍-ବିଶ୍ୱ ଦକ୍ଷତା ପ୍ରତିଯୋଗିତା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ - ଭିସୁଟ୍‌ର ଇ-ଲର୍ଣ୍ଣିଂ ସେଂଟର୍ ଠାନେ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଆଉ ବିଶ୍ୱ ଦକ୍ଷତା କେନ୍ଦ୍ରଥି ଇଂଟର୍ଣ୍ଣସିପ୍ ସୁଯୋଗ୍ ବାବ୍‌ଦେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଭୁବନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ରର୍ ସହଯୋଗ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କୁ ଆଂଚଲିକ୍, ରାଜ୍ୟ, ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍‌ଥି ପ୍ରତିଯୋଗିତା ଜରିଏ ୨୦୨୮ ମସିହାଥି ଜାପାନ୍ ନ ହେବାର୍‌କେ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଲାଗି ପ୍ରସ୍ତୁତ୍ ହେବାର୍ ଲାଗି ତହିଁକା ଯାଇଥିଲା । ସ୍କିଲ୍ ଇନ୍ ଓଡ଼ିଶା ପଦକ୍ଷେପ୍ ଅଧୀନ୍‌ଥି ବିଶ୍ୱ ଦକ୍ଷତା କେନ୍ଦ୍ରକେ ବ୍ୟବହାରିକ୍ ଶିକ୍ଷା ଆଉ ଇଂଟର୍ଣ୍ଣସିପ୍‌ର ଗୁଟେ ମୁଖ୍ୟ କେନ୍ଦ୍ର ଭାବେ ଉପସ୍ଥାପିତ୍ କରାଯାଇଥିଲା ।

ନୃସିଂହଜନ୍ମ          ପୁରୀ ସମ୍ବାଦଦାତା

ବୈଶାକ୍ ମାସର୍ ଉଜଲ୍ ପଖର୍ ଚତୁର୍ଦ୍ଦଶୀ ତିଥି ଆଉ ନୃସିଂହ ଚତୁର୍ଦ୍ଦଶୀ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ନୃସିଂହ ଜନ୍ମ ନୀତି ପାଲନ୍ କରାଯିବା । ବିଧି ଅନ୍‌ସାରେ ଚନ୍ଦନ୍ ଯାତ୍ରାନୁ ମାହାପୁରୁମାନେ ଫିର୍‌ବାର୍ ଉତ୍‌ରୁ ଇ ଖାସ୍ ନୀତିକାନ୍ତି କରାଯିବା । ତିନିବାଡ଼ଥି ପଂଚାମୃତ ମହାସ୍ନାନ, ନୂଆଁ ବସ୍ତ୍ର ଆଉ ଅଲଙ୍କାର୍ ଲାଗି କରାଯିବାର୍ ଉତ୍‌ରୁ ସନ୍ଧ୍ୟା ଧୂପ ନୀତି ହେବା । ତାର୍ ଉତ୍‌ରୁ ନୃସିଂହ ମାହାପୁରୁଙ୍କୁ ରତ୍ନ ସିଂହାସନ୍, ମୁକ୍ତିମଣ୍ଡପ୍ ଆଉ ଝୁଲଣ ମଣ୍ଡପ୍‌ଥି ବିଜେ କରାଯିବା । ଇ ଅବ୍‌ସରେ ରଥଖଲା ନ ଭିଲ୍ ଖାସ୍ ପରମ୍ପରାର୍ ପାଲନ୍ କରାଯିବା ।

ଆଇଆଇଏମ୍‌ସି -ନାଁଲେଖା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଢେଙ୍କାନାଲ୍ ନ ଥିବା ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍‌ସି ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଓଡ଼ିଆ

ସାମ୍ବାଦିକତାଥି ସ୍ନାତକୋତର, ଡିପ୍ଲୋମା ଲାଗି ଆବେଦନ୍ ପ୍ରକ୍ରିୟା ଆଏଜ୍ ଶେଷ୍ ହେଉଛେ । କାର୍ଯ୍ୟକ୍ରମ୍ଥି ଆଶାୟୀ ସାମ୍ବାଦିକ୍ମାନ୍କୁ ବୃତ୍ତିଗତ ଦକ୍ଷତା ନୈତିକ୍ ଆଧାର୍ ଆଉ ଓଡ଼ିଆ ଭାଷାଥି ଗଣମାଧ୍ୟମ୍ ଅଭ୍ୟାସ୍ର ବ୍ୟାପକ୍ ବୁଝାମଣା ଦେବାର୍କେ ପ୍ରସ୍ତୁତ୍ କରାଯାଇଛେ । ସ୍ୱିକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ନୁ କେନ୍ସି ବିଷେଥି ସ୍ନାତକ ଡିଗ୍ରୀ ହାସଲ୍ କରିଥିବା ୨୫ ବଛର୍ନୁ କମ୍ ବୟସର୍ ଇଚ୍ଛୁକ୍ ପ୍ରାର୍ଥୀମାନେ ଇ ପାଠ୍ୟକ୍ରମ୍ ଲାଗି ଆବେଦନ୍ କରିପାର୍ବେ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳ୍ଙ୍କର୍ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ ନ ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ ତର୍ଫୁ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ବୈଠକ୍ଥି ପୋଷ୍ ଆଇନ୍ -୨୦୧୩ ଆଉ ଅନୁସୂଚିତ ଜାତି, ଜନଜାତି, ଅତ୍ୟାଚାର୍ ପ୍ରତିଷେଧ୍ ଆଇନ୍ -୧୯୮୯ ବାବ୍ଦେ ଆଲେଚାନା କରାଯାଇଛେ । ଜିଲ୍ଲା ମୁଖ୍ୟ ନ୍ୟାୟାଧୀନ୍ ପ୍ରତାପ୍ କୁମାର୍

ପାତ୍ର, ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଉ ବହୁତ୍ ପ୍ରଶାସନିକ୍ ଅଧିକାରୀମାନେ ଇଥି ଯୋଗ୍ ଦେଇଥିଲେ ।

ଆଇନ୍ ସଚେତନତା ଶିବିର୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କୋର୍ଟ ପରିସର୍ ନ ଆଏଜ୍ ପାରା ଆଇନ୍ ସ୍ୱେଚ୍ଛାସେବୀ ସଚେତନତା ଶିବିର୍ ହେଇଯାଇଛେ । ଜାତୀୟ ଆଇନ୍ ସେବା ପ୍ରାଧିକରଣ୍ ସହଯୋଗ୍‌ଥି ତାଲୁକ୍‌ସ୍ତରୀୟ ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ହେଇଥିବା ଇ ଶିବିର୍‌ଥି ୨୦ ଝନ୍ ପାରା ଆଇନ୍ ସ୍ୱେଚ୍ଛାସେବୀ ଯୋଗ୍ ଦେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାର୍ ବେଲେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ଆଉ କରାମାଡ଼୍ ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ୧୯ ଟା ଜିଲ୍ଲା ନ ଚଡ଼କ୍ ମାରିକରି ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍

ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫ୍ରୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଇତାର୍ ପ୍ରଭାବ୍ଥି ଦିନର୍ ତାପମାତ୍ରା କମ୍ବା ବଲି ଅନୁମାନ୍ କରାଯାଇଛେ ।

ଖାଦ୍ୟ ସାମଗ୍ରୀ ବଂଟନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍ନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାନେ ଯକ୍ଷ୍ମାରୋଗୀଙ୍କର୍ ଲାଗି ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଂଟନ୍ ପଦକ୍ଷେପ୍ର ଶୁଭାରମ୍ଭ କରାଯାଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଇଥି ଯୋଗ୍ ଦେଇକରି ୩ ହଜାର୍ ୨ ଶହ ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର କିଟ୍ ବଂଟିଛନ୍ । ରୋଗୀମାନ୍କର୍ ସହେତେ ତାଙ୍କର୍ ପରିବାର୍ର ଅଲ୍ଗା ୩ ଝନ୍ ସଦସ୍ୟଙ୍କୁ ଇ ପୁଷ୍ଟକର କିଟ୍ ବଂଟାଯାଇଥିବା ଜନାପଡ଼ିଛେ । ଯୋଜ୍ନା ଅନ୍ସାରେ, ସାରା ଦେଶେ ୩ ଲାଖ୍ ରୋଗୀଙ୍କୁ ପୁଷ୍ଟିକର୍ ଖାଦ୍ୟ କିଟ୍ ଦିଆଯିବାର୍ ଲକ୍ଷ୍ୟ ଧାରିଜ୍ ହେଇଥିବା ପ୍ରଶାସନ୍ ତରଫ୍ରୁ କୁହାଯାଇଛେ ।